## ସଂକ୍ଷେପରେ

### ଟ୍ରକ୍ ମାଡ଼ିଗଲା, ହେଲପର ମୃତ

ତାଳଚେର,୨୪।୧୨(ନି.ପ୍ର.): କୋଲ କରିଡର ରାସ୍ତାରେ ଥିବା ସାଇରାମ କମ୍ପାନୀରେ କାର୍ଯ୍ୟରତ ଜଣେ ହେଲପରଙ୍କ ଉପରେ ସୋମବାର ଟ୍ରକ୍ (ନଂ. ଓଡି୧୯ଇ-୦୮୮୫) ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ହେଲପରଙ୍କ ନାମ ସୁରା ଗାଗରାଇ (୨୪)। ଅପରାହ୍ନରେ ଟ୍ରକ୍ ସମ୍ମୁଖରେ ମରାମତି କାମ କରୁଥିବା ବେଳେ ଚାଳକ ହଠାତ ଗାଡ଼ି ଆଗକୁ ଗଡ଼ାଇ ଦେବାରୁ ଘଟଣାସ୍ଥଳରେ ସୁରାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। କ୍ଷତିପୂରଣ ଦାବିରେ କୋଲ କରିଡର ରାସ୍ତାରେ କୋଇଲା ପରିବହନ ବନ୍ଦ ରହିଛି।

### ଅସୁସ୍ଥ ଘଡ଼ିଆଳର ଚିକିତ୍ସା



ବନ୍ତଲା, ୨୪।୧୨ (ଡି.ଏନ.ଏ.): ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ମହାନଦୀ ଗଣ୍ଡରେ ଥିବା ଏକ ଅଣ୍ଡିରା ଘଡ଼ିଆଳ ଅସୁସ୍ଥ ହୋଇଥିଲା। ଏହା ଦେଖି ଟିକରପଡ଼ା ରେଞ୍ଜର ଜୟନ୍ତ କୁମାର ପଟ୍ଟନାୟକ ଓ କୁମ୍ଭୀର ସ୍କ୍ୱାଡ୍ ତୁରନ୍ତ ସାତକୋଶିଆ ପ୍ରାଣୀ ଡାକ୍ତରଙ୍କୁ ଅବଗତ କରିଥିଲେ। ଶନିବାର ଘଟଣାସ୍ଥଳରେ ପ୍ରାଣୀ ଡାକ୍ତର କିଶୋର କୁମାର ସାହୁ ପହଞ୍ଚି ପୁଲ୍‌ରୁ ପାଣି ନିଷ୍କାସନ କରିବା ପରେ ଘଡ଼ିଆଳକୁ ଧରି ଅସ୍ତ୍ରୋପଚାର କରିଥିଲେ। ବର୍ତ୍ତମାନ ଘଡ଼ିଆଳଟି ସୁସ୍ଥ ଥିବା ଜଣାପଡ଼ିଛି।

### ବିଜେଡିରେ ଯୋଗଦେଲେ ୮୦ରୁ ଊର୍ଦ୍ଧ୍ୱ କର୍ମୀ

ଅନୁଗୋଳ ଅଫିସ, ୨୪।୧୨: ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବଅଁରପାଳ ବ୍ଲକ କରଡାଗାଡିଆ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ଓ ଭାଜପାର ୮୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସନ୍ତୋଷ ଦାସ, ପୂର୍ବତନ ସରପଞ୍ଚ ଶ୍ରୀନିବାସ ଦାସ, ଜିଲା ଯୁବ ବିଜେଡି ସଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। କ୍ଲବ୍ ଗଜପତି ସଭାପତି ଧୀରେନ ଦେହୁରୀ, ଉପସଭାପତି ମନୋଜ ସାହୁ, ତୁଷାରକାନ୍ତ ପ୍ରଧାନ, ସମ୍ପାଦକ ଦିବ୍ୟସିଂ ସାହୁ, ସାଗର ରଞ୍ଜନ ପ୍ରଧାନ, ଦେବାଶିଷ ମିଶ୍ର, ରାଜେଶ ମିଶ୍ର, କୈଳାସ ପ୍ରଧାନ, ହେମନ୍ତ ପ୍ରଧାନ, ବଟକୃଷ୍ଣ ସାହୁ ତଥା ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ରାସ୍ତା ମରାମତି ଦାବିରେ କାର୍ଯ୍ୟ ବନ୍ଦ

ପାଲଲହଡ଼ା, ୨୪।୧୨(ଡି.ଏନ.ଏ.): ପୁରୁଣା ରାସ୍ତା ମରାମତି ଦାବିରେ ସୋମବାର ପାଲଲହଡ଼ା ଦେଇ ଯାଇଥିବା ଜାତୀୟ ରାଜପଥର କନ୍ତଲା ଛକଠାରୁ ଫପଣ୍ଡ ଛକ ପର୍ଯ୍ୟନ୍ତ କାମକୁ ଭାଜପା କର୍ମୀମାନେ ବନ୍ଦ କରାଇଛନ୍ତି। ଅଭିଯୋଗ ମୁତାବକ, ପାଲଲହଡ଼ା ଦେଇ ଯାଇଥିବା ରାଜପଥ ମରାମତି କାମ ଓରିଏଣ୍ଟାଲ ଠିକାସଂସ୍ଥା ହାତକୁ ନେଇଛି। ହେଲେ ପୁରୁଣା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଏହାର ମରାମତି କରାଯାଉ ନ ଥିବାରୁ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଶୁଣୁନାହିଁ। ତେଣୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ମୁକେଶ ପାଲଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଭାଜପା କର୍ମୀ ନୂତନ ରାସ୍ତା କାମ ବନ୍ଦ କରିବା ସହ ଝିମିରିପାଲି ଗ୍ରାମରେ ଥିବା କ୍ରସରକୁ ବନ୍ଦ କରିଦେଇଥିଲେ। ତହସିଲଦାର ସ୍ୱାଗତ ଦାସ, ପାଲଲହଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ଓ ଓରିଏଣ୍ଟାଲ ଷ୍ଟ୍ରକଚରାଲ ଇଞ୍ଜିନିୟରିଂର ଲିଆସନିଂ ଅଫିସର ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ ଏହା ବିଫଳ ହୋଇଥିବା ଜଣାପଡିଛି।

■କାର୍ଯ୍ୟକାରୀ ହେବ ଇ-ହସ୍ପିଟାଲ ପଦ୍ଧତି

# ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୨୬ ଲକ୍ଷ

ଅନୁଗୋଳ ଅଫିସ, ୨୪।୧୨

ଚିକିତ୍ସାଳୟଗୁଡ଼ିକର ଆଭ୍ୟନ୍ତରୀଣ କାର୍ଯ୍ୟଧାରା ନିୟନ୍ତ୍ରଣ ପାଇଁ ଚିକିତ୍ସାଳୟ ପରିଚାଳନା ସୂଚନା ପଦ୍ଧତିକୁ ଇ-ହସ୍ପିଟାଲ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଇ-ହସ୍ପିଟାଲର ପେସେଣ୍ଟ ଇଣ୍ଟଫେସ୍ ଅନ୍ ଲାଇନ ରେଜିଷ୍ଟ୍ରେଶନ ମାଧ୍ୟମରେ ଉପଲବ୍ଧ କରାଯାଇଛି। ଏଠାରେ ରୋଗୀମାନଙ୍କୁ ରୋଗ ସମ୍ପର୍କିତ ସେବା ଗୁଡ଼ିକ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଅଗ୍ରାଧିକାର ଭିତ୍ତିରେ ୪ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ବ୍ୟବସ୍ଥା କରାଯିବ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ପାଲଲହଡ଼ା, ତାଳଚେର ଓ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଏହି ସେବା ଜିଲା ଖଣିଜ ପାଣ୍ଠି ସହାୟତାରେ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଅନିଲ କୁମାର ସାମଲ କହିଛନ୍ତି।

ଏହି ଇ-ହସ୍ପିଟାଲ ପଦ୍ଧତି କାର୍ଯ୍ୟକାରୀ ହେଲେ ୪ଟି ହସ୍ପିଟାଲର ବିଭିନ୍ନ କାର୍ଯ୍ୟଧାର ତ୍ୱରାନ୍ୱିତ ଭାବେ ପରିଚାଳିତ ହେବା ସହ ରୋଗୀ ସେବାରେ ଉନ୍ନତି ଆସିବ। ଏହା ଡିଜିଟାଲ ଇଣ୍ଡିଆର ଏକ ଅଂଶ। ଏଥିରେ ୟୁନିକ ହେଲ୍‌ଥ ଆଇଡେଣ୍ଟିଫିକେଶନ ଓ ଇଲେକ୍ଟ୍ରୋନିକ ହେଲଥ ରେକର୍ଡ ଆଇଡି ଉତ୍ପନ୍ନ ହେବ। ୟୁନିକ ଆଇଡି ସମସ୍ତ ରୋଗୀଙ୍କୁ ପ୍ରଦାନ ଦିଆଯିବ। ଏହାଦ୍ୱାରା ରୋଗୀ ସମସ୍ତ ସ୍ୱାସ୍ଥ୍ୟସେବା ପାଇପାରିବ। ଇ-ହସ୍ପିଟାଲ ସଫ୍ଟୱେୟାର ମାଧ୍ୟମରେ ଡାକ୍ତରମାନେ ଡିଜିଟାଲ ପ୍ରେସକ୍ରିପଶନ ଲେଖିପାରିବେ। ଓପିଡି, ଆଇପିଡି ଓ ବିଲିଂ ପାଇଁ ପ୍ରଥମ ପର୍ଯ୍ୟାୟରେ ତିନୋଟି ମୋଡ୍ୟୁଲ ଉପଲବ୍ଧ ହେବ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଲାବୋରେଟୋରୀ, କ୍ଲିନିକ, ଫାର୍ମାସୀ ଓ ଷ୍ଟୋର ଆଦି ଏଥିରେ ସଂଯୋଗ କରାଯିବ। ଇ-ହସ୍ପିଟାଲ ପଦ୍ଧତି ବ୍ୟବହାର ଦ୍ୱାରା ଡାକ୍ତରଖାନାଗୁଡ଼ିକ ବିଭିନ୍ନ ହିସାବ, ମୃତ୍ୟୁ ରେଜିଷ୍ଟର ଓ ପ୍ରତ୍ୟେକ ଦିନ ୟୁଜର୍ସ ଫି ଆଦାୟର ହିସାବ ସୁବିଧା ପାଇ ପାରିବେ। ପ୍ରଥମ ପର୍ଯ୍ୟାୟରେ ୨୬ ଲକ୍ଷ ୫୯ ହଜାର ୨୦୭ ଟଙ୍କା ଅନୁମୋଦିତ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ହସ୍‌ପିଟାଲକୁ ଏଥିରେ ସାମିଲ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ସହରବାସୀଙ୍କ ଶରଣ ପଶିଲେ ପୌର କର୍ତ୍ତୃପକ୍ଷ

ଅନୁଗୋଳ ଅଫିସ, ୨୪।୧୨

ପୁରୁଣା ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ନୂତନ ସଫେଇ କର୍ମଚାରୀଙ୍କ କାର୍ଯ୍ୟକୁ ବିରୋଧ ଯୋଗୁ ଅନୁଗୋଳ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ପଡ଼ିରହୁଛି। ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ଏ ନେଇ ଉଦ୍ୟମ କରାଯାଉଥିଲେ ବି ସଫଳତା ମିଳୁନାହିଁ। ତେଣୁ ସହରର ଏହି ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ମତ ଲୋଡ଼ିବାକୁ ପୌରପ୍ରଶାସନ ନିଷ୍ପତ୍ତି ନେଇଛି। ଆସନ୍ତା ଗୁରୁବାର ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ରାଜନୈତିକ ବ୍ୟକ୍ତି, ପୌରପରିଷଦର ପୂର୍ବତନ ନଗରପାଳ, କାଉନସିଲରଙ୍କୁ ନେଇ ଏକ ବୈଠକ ବସିବାର ଯୋଜନା ଥିବା ସୂଚନା ମିଳିଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ସହରବାସୀଙ୍କ ମତ ଲୋଡ଼ାଯାଇଛି। ପୌର ପରିଷଦ ଟାଉନହଲରେ ଆଲୋଚନା ହେବ।

## ମୃତ ବାର୍‌ହା ଜବତ, ୩ ଶିକାରୀ ଗିରଫ



ଗିରଫ ଅଭିଯୁକ୍ତମାନେ।

ବଇଣ୍ଡା,୨୪।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ରେଞ୍ଜ ଦୁଃଖୁନାଳୀ ଜଙ୍ଗଲରୁ ସୋମବାର ବନ ବିଭାଗ ଚଢାଉ କରି ବିଦ୍ୟୁତ୍ ଫାଶରେ ମରିଥିବା ଏକ ବାରହା ମୃତଦେହ ସହିତ ବାଇଡିଂ ତାର ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିଶୋରନଗର ଥାନା ଲକ୍ଷ୍ମୀପ୍ରସାଦପୁର ଗ୍ରାମର ବାବୁଲି ବେହେରା, ଜେନାମଣି ସାହୁ, ଚମ୍ପାପୁର ଗ୍ରାମର ରମାକାନ୍ତ ବେହେରା। ସେମାନଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ଜଣାପଡ଼ିଛି, ଦୁଃଖୁନାଳ ଜଙ୍ଗଲରେ ଉକ୍ତ ୩ ଜଣ ଶିକାରୀ ୧୧କେଭି ବିଦ୍ୟୁତ୍ ଖୁଣ୍ଟରୁ ଜିଆଇ ତାର ମାଧ୍ୟମରେ ବିଦ୍ୟୁତ୍ ଫାଶ ବସାଇ ଏକ ବାରହା ଶିକାର କରିଥିଲେ। ଖବରପାଇ ବାମୁର ରେଞ୍ଜର ଚିତ୍ତ ରଞ୍ଜନ ପ୍ରଧାନ, ଫରେଷ୍ଟର ଗୌରଚନ୍ଦ୍ର ଦନ୍ତା, ଅନ୍ତର୍ଯାମୀ ସାହୁ, ୱାଚର କାଳନ୍ଦିଚରଣ ଦେହୁରୀ, ରବିନ୍ଦ୍ର ବେହେରା ପ୍ରମୁଖ ଚଢାଉ କରି ଗିରଫ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




ଶିବିରରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୨୪।୧୨(ଡି.ଏନ.ଏ.)

କିଶୋରନଗର ଅଙ୍ଗପଡ଼ା ଆଞ୍ଚଳିକ କଲେଜରେ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଉଥ ବଲଣ୍ଡାର ନୀଳକଣ୍ଠେଶ୍ୱର କଲେଜର ଅଧ୍ୟକ୍ଷ ଚିନ୍ତାମଣି ବେହେରା ଯୋଗଦେଇ ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ ଏଥିପାଇଁ ଅଭିଭାବକ, ଶିକ୍ଷକ ସମାଜ ଓ ଯୁବ ଗୋଷ୍ଠୀ ଗୁରୁତ୍ୱ ଦିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଜିଲା ସଂଯୋଜକ ଡ. ତନୁଜା ପାତ୍ର ଯୋଗଦେଇ ଛାତ୍ରୀମାନେ ନିଜେ ଅଧିକ ସଚେତନ ହୁଅନ୍ତୁ ବୋଲି ପରାମର୍ଶ ଦେବାସହିତ ଘରେ ସଂସ୍କାରମୂଳକ ଶିକ୍ଷା ପିଲାମାନଙ୍କୁ ଦିଆଯାଉ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବଶିଷ୍ଠ କୁମାର ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ ସଂଯୋଜନା କରିଥିଲେ।

## ଛାତ୍ରୀ ନେଲେ ତାଲିମ

ଛେଣ୍ଡିପଦା,୨୪।୧୨(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସମସ୍ତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜରପଡା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ପରିଚାଳକ ଲଳିତ କୁମାର ପଟେଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଷମା ପ୍ରଧାନ, ଅଧ୍ୟାପିକା ରଶ୍ମିତା ବିଶ୍ୱାଳ, ଖେଳ ଶିକ୍ଷକ ଶରତଚନ୍ଦ୍ର ସାହୁ, କୌଶଲ୍ୟା ସାହୁ, ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଭାବେ ଇତିଶ୍ରୀ ସାହୁ, ବିମ୍ବେଶବାଳା ଗଡନାୟକ ଯୋଗଦେଇ ତାଲିମ ଦେଇଥିଲେ।

## ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

ପାଲଲହାଡ଼ା, ୨୪।୧୨(ଡି.ଏନ.ଏ.)

ପାଲଲହଡା ବଜାରସ୍ଥିତ ବଜାର ସାହି କାହ୍ନା ଭିଜନ ନାମକ ମୋବାଇଲ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। କେତେକ ଦୁର୍ବୃତ୍ତ ଆଜବେଷ୍ଟସ୍ ଭାଙ୍ଗି ମୋବାଇଲ, ଏକ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ରାସ୍ତା ଖୋଳିଦେଲା ଠିକାସଂସ୍ଥା, ଥାନାରେ ମାମଲା

ବଇଣ୍ଡା,୨୪।୧୨(ଡି.ଏନ.ଏ.)

ଏକ ଘରୋଇ ମୋବାଇଲ କମ୍ପାନୀର କେବୁଲ ବିଛାଇବା ନିମନ୍ତେ ଆଠମଲ୍ଲିକ ବ୍ଲକ ସାନହୁଲା କ୍ରସର ନିକଟରୁ ପାଇକସାହି ପୂର୍ତ୍ତବିଭାଗ ରାସ୍ତାକୁ ବେଆଇନ ଭାବେ ଏକ ଠିକାସଂସ୍ଥା ଖୋଳି ଦେଇଛି। କୌଣସି ଅନୁମତି ନ ନେଇ ଗୁରୁବାରଠାରୁ ଏଭଳି ଖୋଳି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପୂର୍ତ୍ତବିଭାଗର ବଇଣ୍ଡା ଏସ୍‌ଡିଓ ସୁବାସ ଚନ୍ଦ୍ର ପାତ୍ର ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି କାମ ବନ୍ଦ କରିଛି।

ଘଟଣାରୁ ଜଣାପଡ଼ିଛି, ସାନହୁଲାଠାରୁ ପାଇକସାହି ପର୍ଯ୍ୟନ୍ତ ଏକ ଘରୋଇ ମୋବାଇଲ କମ୍ପାନୀ ପକ୍ଷରୁ କେବୁଲ ମାଟି ତଳେ ପୋତା ଯାଇ ନିଆଯାଉଛି। ଏହି ଦାୟିତ୍ୱ ନେଇଥିବା ଠିକାସଂସ୍ଥା ପୂର୍ତ୍ତବିଭାଗ ପକ୍ଷରୁ ଅନୁମତି ନ ନେଇ ରାସ୍ତା କଡ଼ରେ ୩ ଫୁଟ୍ ଗଭୀର ଗର୍ତ୍ତ ଜେସିବି ମେଶିନ ଦ୍ୱାରା ଖୋଳି



ଠିକା ସଂସ୍ଥା ପକ୍ଷରୁ ରାସ୍ତା ଖୋଳାଯାଇଛି।

କେବୁଲ ନେଉଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଗର୍ତ୍ତ କରିବାସହ ମାଟି ଗୁଡ଼ିକ ରାସ୍ତାରେ ପକାଇ ଦେଇଥିବା ଯୋଗୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଳମ୍ବିତ ରାତିରେ ବେଆଇନ ଭାବେ ରାସ୍ତା ଖୋଳାଯାଉଥିବାବେଳେ ସକାଳେ କେବୁଲ ପକାଇ ମାଟି ଘୋଡ଼ାଇ ଦିଆଯାଉଛି। ଶନିବାର ବନ୍ତୁଲୁ ନିକଟରେ ୨ ବାଇକ ଆରୋହୀ ପାଇକସାହିରୁ ବଇଣ୍ଡା ଆସୁଥିବାବେଳେ ରାସ୍ତା କଡ଼ରେ ଗଦା ହୋଇଥିବା ମାଟିରେ ଖସିପଡ଼ି ଆହତ ହୋଇଥିଲେ। ବେଆଇନ ଭାବେ ଏହି କାର୍ଯ୍ୟ କରାଯାଉଥିବାବେଳେ ପାଇକସାହି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ହେଲେ ଠିକାସଂସ୍ଥା ପକ୍ଷରୁ ଜୋରଜବରଦସ୍ତ ଏହି କାମ କରାଯାଇଥିଲା। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ପୂର୍ତ୍ତ ବିଭାଗର ଏସଡିଓ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇ କାମ ବନ୍ଦ କରାଯାଇଛି। ଏହାସହିତ ଠିକାସଂସ୍ଥାକୁ ଅନୁମତି ପତ୍ର ମଗାଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଛେଣ୍ଡିପଦା,୨୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନାବାଳିକା ଜଣକ ଗତ ୪ ତାରିଖରେ ଟିଉସନ ଯାଇ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ତାଙ୍କୁ ପାଇ ନ ଥିଲେ। ପରେ ଦେବଗଡସ୍ଥିତ ଏକ ଶିଶୁ ଗୃହରେ ଝିଅ ଥିବା ଖବରପାଇ ସେଠାକୁ ଯିବାରେ ନାବାଳିକାଙ୍କୁ ଘରଲୋକେ ପାଇଥିଲେ। ପରିବାରର ଜନୈକ ସମ୍ପର୍କୀୟ ବିବାହ ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ନାବାଳିକାଙ୍କୁ ଅପହରଣ ପରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରଖି ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କୁ ସେ କୁଣ୍ଡେଇଗୋଲା ଆଣିଥିଲେ। ସୂଚନାପାଇ କୁଣ୍ଡେଇଗୋଲା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦେବଗଡ ଜିଲା ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ଶିଶୁ ମଙ୍ଗଳ କମିଟି ସମ୍ପୃକ୍ତା ନାବାଳିକାଙ୍କୁ ଉକ୍ତ ଶିଶୁ ଗୃହରେ ରଖିବା ସହ କମିଟି ଅଧ୍ୟକ୍ଷ ଛେଣ୍ଡିପଦା ଥାନାକୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଲେଖିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୩୬୮/୧୮ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।

## ଓଡ଼ିଶା ଟିମ୍ ସେମିଫାଇନାଲରେ



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

ବଇଣ୍ଡା,୨୪।୧୨(ଡି.ଏନ.ଏ.)

ମଧ୍ୟପ୍ରଦେଶର ନିମୁଚିଠାରେ ଚାଲିଥିବା ରାଜ୍ୟସ୍ତରୀୟ ଜୁନିୟର ଯୁକ୍ତ ୨ କଲେଜସ୍ତରୀୟ ଟୁର୍ନାମେଣ୍ଟରେ ଓଡ଼ିଶା ଟିମ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରୁ ସେମିଫାଇନାଲକୁ ପ୍ରବେଶ କରିଛି। ଏ ନେଇ ଓଡ଼ିଶା ଟିମ୍‌ର କୋଚ ଦାୟିତ୍ୱରେ ଥିବା ବଇଣ୍ଡା ଜନତା କଲେଜ ଖେଳ ଶିକ୍ଷକ ବିଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୋମବାର ଓଡ଼ିଶା ଟିମ ସହିତ ତାମିଲନାଡୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଓଡ଼ିଶା ଟିମ୍ ବ୍ୟାଟିଂ କରି ୯୨ ରନ କରିଥିଲା। ଜବାବରେ ତାମିଲନାଡୁ ୮୦ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଓଡ଼ିଶା ଟିମ୍‌ରେ ବଇଣ୍ଡା କଲେଜର ୨ ଜଣ ଓ କିଶୋରନଗର କଲେଜର ଜଣେ ଛାତ୍ର ଖେଳାଳି ଅଂଶଗ୍ରହଣ କରିଥିବା ଟିମ ଓଡ଼ିଶାର ମ୍ୟାନେଜର ମନୋଜ କୁମାର ଭଞ୍ଜ ଦେଓ ସୂଚନା ଦେଇଛନ୍ତି।

## ରାଉରକେଲା ବିଜୟୀ

ବଇଣ୍ଡା,୨୪।୧୨(ଡି.ଏନ.ଏ.)

କିଶୋରନଗର ବରପଡ଼ିଆଠାରେ ଚାଲିଥିବା କିଶୋରନଗର କପ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ରାଜଗାଙ୍ଗପୁରକୁ ହରାଇ ଆରୱାଇସିସି ରାଉରକେଲା ବିଜୟୀ ହୋଇଛି। ପ୍ରଥମେ ରାଉରକେଲା ବ୍ୟାଟିଂ କରି ୨୦୮ ରନ କରିଥିଲା। ଜବାବରେ ରାଜଗାଙ୍ଗପୁର ୧୫୫ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ରାଜୀବ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରଥ, ବିଭୂଦେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

■ଛେଣ୍ଡିପଦା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଚର୍ଚ୍ଚା

# ୨ ପୃଥକ୍ ସ୍ଥାନରେ ବୈଠକ

ଛେଣ୍ଡିପଦା, ୨୪।୧୨ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି। ରବିବାର ଦଳ ପକ୍ଷରୁ ପୃଥକ୍ ଭାବେ ୨ ସ୍ଥାନରେ ବୈଠକ ତଥା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଦଳ ପକ୍ଷରୁ ପୂର୍ବତନ ବିଧାୟକ ନବଘନ ନାଏକଙ୍କ ପୁଅ ତଥା ପିସିସି ହରିଜନ ସେଲ ରାଜ୍ୟ ଆବାହକ ନରୋତ୍ତମ ନାଏକ ଓ ବ୍ଲକ ସଭାପତି ଅଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ କିସିଣ୍ଡା ଆମ୍ବତୋଟାଠାରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ବୈଠକ ବସିଥିଲା। ଏହି ସଭାରେ ଜରପଡା ଜୋନ ସଭାପତି ଚିତ୍ରସେନ ସାହୁ, ବାଗଡିଆ ଜୋନର ଭାବଗ୍ରାହୀ ସାହୁ ଓ ଛେଣ୍ଡିପଦା ଜୋନର ବିଜୟ ଦେହୁରୀ, ବରିଷ୍ଠ ଶ୍ରମିକ ନେତା ସୁଦୀପ୍ତ ପ୍ରଧାନ, ବ୍ଲକ ଉପସଭାପତି ବିଜୟ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ବ୍ଲକ



ଛେଣ୍ଡିପଦା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ୨ ବୈଠକରେ ଦଳୀୟ କର୍ମକର୍ତ୍ତାମାନେ।

କଂଗ୍ରେସରେ ହେଉଥିବା ବିଶୃଙ୍ଖଳା ଓ ବ୍ଲକ ସଭାପତିଙ୍କୁ ବ୍ଲକର ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର ନେଇ ଓଡ଼ିଶା କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଅନ୍ୟପକ୍ଷରେ ଛେଣ୍ଡିପଦା ଫୁଲଝରୀ ହାଟପଦା ନିକଟରେ ଛେଣ୍ଡିପଦାର ପୂର୍ବତନ ବିଧାୟକ ଭଜମନ ବେହେରାଙ୍କ ଝିଅ ତଥା ପିସିସି ଉପସଭାପତି ଇଂ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଲବ ଜେନା, ଉପ ସଭାପତି ରମେଶ ପ୍ରଧାନ, ଜିଲା ଓବିସି ସେଲ ସଭାପତି ଜିତେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଚେୟାରମ୍ୟାନ କଳାକାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ବଅଁରପାଳ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିବାକାର ସାହୁ, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପଦ୍ମଚରଣ ମାଝି, ୨୫ ନଂ. ଜୋନ ସଭାପତି ସୁଶାନ୍ତ ପ୍ରଧାନ, ପୂର୍ବତନ ଜିଲା ଅଧ୍ୟକ୍ଷ ବଂଶୀଧର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ୨୦୧୯ ସାଧାରଣ ନିର୍ବାଚନ ପାଇଁ ଜୋନସ୍ତରରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ତେବେ ଗୋଟିଏ ଦିନରେ ଦଳ ପକ୍ଷରୁ ପୃଥକ ଭାବେ ଏପରି ବୈଠକ ଆୟୋଜନ କରାଯିବା ଯୋଗୁ ଦଳରେ ଗୋଷ୍ଠୀ କନ୍ଦଳ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ସଭାପତି ବିପ୍ଲବ ଜେନା କହିଛନ୍ତି, ଓଡିଶାରେ ବ୍ଲକ କଂଗ୍ରେସ ପଦକୁ ଉଠାଇ ଦିଆଯାଇ ଜୋନ ସଭାପତିମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଯଦି କିଛି ବିଶୃଙ୍ଖଳା ଘଟିଛି ତାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ମାତିଲେ ଲୁଟେରା: ୪ ଦୋକାନରୁ ଚୋରି

**ଢେଙ୍କାନାଳ ଅଫିସ, ୨୪।୧୨:** ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଲୁଟେରା ଆତଙ୍କ ଦେଖାଦେଇଛି। ରବିବାର ରାତିରେ ବେଲଟିକିରି ଏବଂ ଛଣବୋଲୁଅ ଗ୍ରାମର ୪ ଦୋକାନରୁ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ବେଲଟିକିରି ଅଞ୍ଚଳର ଅଦ୍ୱୈତ ବେହେରାଙ୍କ କୁକୁଡ଼ା ଦୋକାନ, ବ୍ୟାଙ୍କ ଛକ ନିକଟରେ ଥିବା ଏକ ପରିବା ଦୋକାନ, ପପୁଲି ବିନ୍ଧାଣିଙ୍କ ପାନ ଦୋକାନରୁ ମୂଲ୍ୟବାନ ସାମଗ୍ରୀ ଏବଂ ଟଙ୍କା ଲୁଟ୍ ହୋଇଛି। ସେହିପରି ପରମାନନ୍ଦ ବେହେରାଙ୍କ ମୋବାଇଲ ଦୋକାନରୁ ୧୫ ସ୍ମାର୍ଟଫୋନ୍, ୨୨ କି-ପ୍ୟାଡ ଫୋନ୍ ସହିତ ୭ ହଜାର ଟଙ୍କା ନେଇଯାଇଛନ୍ତି ଲୁଟେରା। ବିରଞ୍ଚି ସାମଲ ଏବଂ ଜିତେନ୍ଦ୍ର ସ୍ୱାଇଁଙ୍କ ଜଗନ୍ନାଥ ଭେରାଇଟି ଦୋକାନରୁ ଚୋରି ଉଦ୍ୟମ ହୋଇଥିବାବେଳେ ଏଥିରେ ବିଫଳ ହୋଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିରେ ଏକ ଗ୍ୟାଙ୍ଗ୍ ସାମିଲ ଥିବା ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍

### ବଳରାମପ୍ରସାଦ, ହିନ୍ଦୋଳ ବିଜୟୀ

**ରାସୋଳ, ୨୪।୧୨(ଡି.ଏନ୍.ଏ.)**-ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ମା' ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବଳରାମପ୍ରସାଦ ଏବଂ ହିନ୍ଦୋଳ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବୁଲେଟ୍-୧୧ ବଳରାମପ୍ରସାଦ ୧୩ ଓଭରରେ ୫ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ଜବାବରେ ଅଚଳକୋଟ ୧୧ ଓଭରରେ ୮୨ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ହିନ୍ଦୋଳ ୧୩ ଓଭରରେ ୫ ଉଇକେଟ ବିନିମୟରେ ୧୧୨ ରନ୍ କରିଥିଲା। ପ୍ରତିପକ୍ଷ କୁନୁଆ ୧୩ ଓଭରରେ ୧୦୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସଭାପତି ଜଗବନ୍ଧୁ ରାଉତଙ୍କ ନେତୃତ୍ୱରେ କ୍ଲବର କର୍ମକର୍ତ୍ତାମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ମିଳନ କ୍ରିକେଟ କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୨୪।୧୨**
ଗଁଡିଆ ବ୍ଲକ ଖଙ୍କିରାରେ ଚାଲିଥିବା ୨୬ତମ ଖଙ୍କିରା କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ବଡ଼ତଣା ମିଳନ୍ କିକେଟ କ୍ଲବ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ମିଳନ୍ କ୍ରିକେଟ କ୍ଲବ ୧୭୫ ରନ କରିଥିଲା। ଜବାବରେ ମାରୁତି ସ୍ପୋର୍ଟସ୍ ଆସୋସିଏଶନ ଖଙ୍କିରା ୧୬୮ ରନ୍ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ବିନୋଦ ବାରିକ 'ମ୍ୟାନ୍ ଅଫ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଅଜୟ ସାହୁ, ବିଜୟ ବ୍ରହ୍ମ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର କୁଷ୍ଟାର ଯାଆଁଳା, ବିସିସି ବଡ଼ତଣା ମଧ୍ୟରେ ମ୍ୟାଚ ଖେଳାଯିବ

### ଏକାଠି ହେଲେ ପୁରାତନ ଛାତ୍ରୀଛାତ୍ର



**ଢେଙ୍କାନାଳ ଅଫିସ, ୨୪।୧୨**- ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ୨୦୦୩ରୁ ୨୦୧୮ ଯାଏ ଉତ୍ତୀର୍ଣ୍ଣ ହୋଇଥିବା ଶତାଧିକ ଛାତ୍ରୀଛାତ୍ର ଏକତ୍ରିତ ହୋଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ଉତ୍ସବରେ ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି, ପ୍ରାଧାପକ ପ୍ରଫୁଲ୍ଲ ମିଶ୍ର, ଉପାଧ୍ୟକ୍ଷ ଡ. ପ୍ରଶାନ୍ତ ନାୟକ, ଶକ୍ତିଶଙ୍କର ପତି, ସିନର୍ଜି ବୈଷୟିକ ସ୍କୁଲର ଅଧ୍ୟକ୍ଷ ସରୋଜ ନାୟକ, ସଂଯୋଜକ ସ୍ମୃତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୌମ୍ୟା ଶତଭିଷାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। କଲେଜ ୪ର୍ଥ ବର୍ଷର ଛାତ୍ରୀଛାତ୍ର, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ରାସୋଳ,୨୪।୧୨(ଡି.ଏନ.ଏ.)**- ପୁରୁଣା କଟକ-ସମ୍ବଲପୁର ରାସ୍ତାର ଦିଲ୍‌ଦାର ଛକରୁ ରବିବାର ରାତିରେ ପୋଲିସ ଚଢ଼ାଉ କରି ୬୦ ବୋତଲ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ରାସୋଳ ଗ୍ରାମର ରବିନାରାୟଣ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୨୩/୧୮ରେ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ପ୍ରଦୀପ କୁମାର ଶତପଥୀ ସୂଚନା ଦେଇଛନ୍ତି।

# ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଭୂମିପୂଜା

**ଢେଙ୍କାନାଳ ଅଫିସ, ୨୪।୧୨**






କଟକଠାରୁ ଅନୁଗୋଳକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ ହେବ। ଓଡ଼ିଶା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାର ଭୂମିପୂଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନ ୧ଟାରେ ଢେଙ୍କାନାଳ ମହିଷାପାଟ ପଡ଼ିଆରେ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଏଲ୍‌ଇଡି ମାଧ୍ୟମରେ କରାଯାଇଥିଲା।

ଜାତୀୟ ରାଜପଥ ସମ୍ପ୍ରସାରଣକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ୟାକେଜ୍-୧ରେ ୦.୪୦୦ କିମିରୁ ୬୦.୨୦୦ ଏବଂ ପ୍ୟାକେଜ୍-୨ରେ ୬୦.୨୦୦ କିମିରୁ ୧୧୨ କିମି ଯାଏ କାର୍ଯ୍ୟ ହେବ। ଏଥିରେ କଟକ ଜିଲାର ୨୮ କିମି, ଢେଙ୍କାନାଳର ୬୦ କିମି ଏବଂ ଅନୁଗୋଳର ୨୪ କିମି ରହିଛି। ମେସର୍ସ ଗାୟିତ୍ରୀ ପ୍ରୋଜେକ୍ଟ ଲିମିଟେଡ୍ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି।

ଇତିମଧ୍ୟରେ ୨୦୧୮ ଜାନୁଆରୀ ୧୧ରୁ ପ୍ୟାକେଜ୍-୧ର କାମ ଆରମ୍ଭ ହେଇଛି। ୨୦୨୦ ଜୁଲାଇ ୧୭ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖାଯାଇଛି। ଏଥିରେ ଖର୍ଚ୍ଚ ହେବ ୯୯୯.୩୨ କୋଟି। ସେହିପରି ୨୦୧୮ ଫେବୃୟାରୀ ୧ରୁ ପ୍ୟାକେଜ୍-୨ କାମ ଚାଲୁରହିଛି। ୨୦୨୦ ସେପ୍ଟେମ୍ବର ୯ ସୁଦ୍ଧା ଏହା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ଖର୍ଚ୍ଚ ହେବ ୯୯୧.୪୧ କୋଟି ଟଙ୍କା। ଉକ୍ତ ରାଜପଥ ସମ୍ପ୍ରସାରଣରେ ୩ ପ୍ରମୁଖ ବ୍ରିଜ୍, ୨୧ ମଧ୍ୟମ ଧରଣର ବ୍ରିଜ୍, ୫ ଫ୍ଲାଏଓଭର, ହାତୀ ଏବଂ ଅନ୍ୟ ବନ୍ୟଜନ୍ତୁ ଚଳପ୍ରଚଳ ଲାଗି ୭ଟି ଭୂତଳ ରାସ୍ତା ଏବଂ ୨ଟି ବାଇପାସ୍ ନିର୍ମାଣ ହେବ। ରାଜପଥ ସମ୍ପ୍ରସାରଣରେ ୨୩ହଜାର ଗଛ କଟାଯିବ। ଏହାର ୧୦ ଗୁଣା ଚାରା ଲଗାଯିବ। ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ ପରେ ଦୁର୍ଘଟଣାକୁ ବହୁସଂଖ୍ୟାରେ ରୋକାଯାଇପାରିବ। ଅନୁଗୋଳ ଦେଇ ବାଇପାସ୍ ନିର୍ମାଣ ପରେ ଯାନବାହନଗୁଡ଼ିକ ସହର ବାହାର ଦେଇ ଯାତାୟାତ କରିବେ। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ଭଳି ସମସ୍ୟାରୁ ମୁକ୍ତି ମିଳିବ ବୋଲି ଏନ୍‌ଏଚ୍‌ଏଆଇ ଜେନେରାଲ ମ୍ୟାନେଜର (ଟେକ୍ନିକାଲ) ତଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ ସୂଚନା ଦେଇଛନ୍ତି।

■୪ ଲେନ୍ ବିଶିଷ୍ଟ ହେବ
■ଢେଙ୍କାନାଳ ଜିଲାରେ ୬୦ କିମି
■କଟାଯିବ ୨୩୦୦୦ ଗଛ
■ଲଗାଯିବ ୧୦ ଗୁଣା ଚାରା
■କମିବ ସଡ଼କ ଦୁର୍ଘଟଣା

କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇ ଜେନେରାଲ ମ୍ୟାନେଜର ମହାବୀର ସିଂ, ଉପସଭାପତି ବି.ବି. ଭାସ୍କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ତହସିଲଦାର ଉଦୟନାଥ ମହାପାତ୍ର, ଜମି ଅଧିଗ୍ରହଣ ଅଧିକାରୀ ରଶ୍ମିରେଖା ସ୍ୱାଇଁ, ଇଂ. ମନମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା, ଶତ୍ରୁଘ୍ନ ଜେନା, ସୁଧାଂଶୁ ଦଳେଇ, ରମେଶ ସାମଲ, ସୁଶାନ୍ତ ଦଳବେହେରା, ରତିକାନ୍ତ ସାହୁ, ଲକ୍ଷ୍ମୀଧର ବେହେରା, ପ୍ରେମାନନ୍ଦ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସଞ୍ଜୟ ମିଶ୍ର ପ୍ରମୁଖ ପ୍ରମୁଖ ଯୋଗଦେଇଥିଲେ।




ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

■ଜିଲାପାଳଙ୍କ ମିଳିତ ଜନଶୁଣାଣି

## ୧୨୫ ଅଭିଯୋଗ ପଞ୍ଜୀକୃତ

**ପରଜଙ୍ଗ, ୨୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୧୨୫ଜଣ ଅଭିଯୋଗକାରୀଙ୍କ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ଜମିବାଡ଼ି ସମସ୍ୟା, ଚିକିତ୍ସା ସହାୟତା, ନିର୍ମାଣାଧୀନ କାର୍ଯ୍ୟର ଅର୍ଥ ମଞ୍ଜୁରୀରେ ବିଳମ୍ବ, ହାତୀ ଦ୍ୱାରା କ୍ଷୟକ୍ଷତି ପ୍ରଦାନରେ ବିଳମ୍ବ, ରାସ୍ତା ନିର୍ମାଣ, ଜମି ଚିହ୍ନଟ, କଳାକାର ଭତ୍ତା, ଆଇନଗତ ବିବାଦ ଆଦି ରହିଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ୬ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବସନ୍ତ କୁମାର ପାଣିଗ୍ରାହୀ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଜିଲା ଜରୁରିକାଳୀନ ଅଧିକାରୀ ଶୁଭ୍ରାଂଶୁ ମିଶ୍ର, ମଙ୍ଗଳ ଅଧିକାରୀ ଅହଲ୍ୟା ଧର, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଅମ୍ରିତ ସରକାର, କାମାକ୍ଷାନଗର କୃଷି ଜିଲା ଅଧିକାରୀ ଦେବୀପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

■୧୮ନଂ. ଓ୍ୱାର୍ଡବାସୀଙ୍କୁ ମିଳୁନି ମୌଳିକ ସୁବିଧା

# ପ୍ରଶାସନକୁ ହକ୍ ମାଗିଲେ



ବିଭିନ୍ନ ଦାବିନେଇ ୧୮ନଂ ୱାର୍ଡବାସୀ ପ୍ରଶାସନର ଦ୍ୱାରସ୍ଥ।

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ୧୮ନଂ. ୱାର୍ଡବାସୀ ଦୀର୍ଘଦିନ ହେଲା ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇ ହକ୍ ଦାବି କରିଛନ୍ତି। ରାସ୍ତାଘାଟ, ଡ୍ରେନ୍, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବିଭ୍ରାଟ ସମାଧାନ ଦାବିରେ ୧୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାମେଶ୍ୱରପୁର ତଳସାହି, ଉପରସାହି, ସାରଳା ଇଞ୍ଜିନିୟରିଂ ସାହି, ଭଗବାନପୁର ଜୁଆଙ୍ଗସାହି, ସଅରସାହି ସମେତ ଅନ୍ୟ ୨ ସାହିକୁ ନେଇ ଗଠିତ ୧୮ନଂ. ଓ୍ୱାର୍ଡ। ହେଲେ ଲୋକଙ୍କ ନିକଟରେ ସର୍ବନିମ୍ନ ସୁବିଧା ଅଦ୍ୟାବଧି ଅପହଞ୍ଚ ହୋଇରହିଛି। ବଡ଼ପାଳ ଓ ସୁନ୍ଦରିଖାଲ ମୌଜାକୁ ପୌରସଂସ୍ଥା ମ୍ୟାପ୍‌ରେ ସ୍ଥାନିତ କରାଯାଇନାହିଁ। ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ଏହାର ସମାଧାନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ସେହିପରି ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତିକରଣ, ନୂତନ ଖୁଣ୍ଟ ପୋତିବା, ହାଇମାଷ୍ଟ, ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା, କଂକ୍ରିଟ୍ ରୋଡ ନିର୍ମାଣ, ଶୌଚାଳୟ, ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ସୁଆଗୀ ଶ୍ମଶାନରେ ଶବଦାହ ଲାଗି କାଠଗୋଲା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ପୂର୍ବତନ କାଉନ୍‌ସିଲର ରୁଦ୍ରାନ୍ତ କୁମାର ଦଳେଇଙ୍କ ନେତୃତ୍ୱରେ ବହୁ ଅଞ୍ଚଳବାସୀ ଜିଲା କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

### ଶୀତରେ ଥରୁଛି କେନ୍ଦୁଝର

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

ଶୀତରେ ଥରୁଛି କେନ୍ଦୁଝର। ଏଠାରେ ରବିବାର ସର୍ବନିମ୍ନ ତାପମାତ୍ରା ୭.୧ ଏବଂ ସୋମବାର ପାରଦ ୭.୨ ଡିଗ୍ରୀ ରେକର୍ଡ କରାଯାଇଛି। ଶୁକ୍ରବାର ତାପମାତ୍ର ୧୦ ଡିଗ୍ରୀ ଉପରେ ଥିବା ବେଳେ ହଠାତ୍ ପାରଦ ତଳକୁ ଖସିଆସିଛି। ସହରତଳି, ଗ୍ରାମାଞ୍ଚଳ ଓ ପାହାଡ଼ିଆ ଅଞ୍ଚଳରେ ତାପମାତ୍ର ପାଖାପାଖି ୬ ଡିଗ୍ରୀ ତଳକୁ ରହୁଛି। ଫଳରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡିଛି।

### ରାତିରେ ଶବ୍ଦ ପ୍ରଦୂଷଣ

**କେନ୍ଦୁଝର ୨୪।୧୨(ସ୍ୱ.ପ୍ର.)**

କେନ୍ଦୁଝରରେ ଆରମ୍ଭ ହୋଇଛି ଗୋନାସିକା ମହୋତ୍ସବ। ଶୀତୁଆ ଥଣ୍ଡାରେ ସମାରୋହର ମଜା ସମସ୍ତେ ଉଠାଉଛନ୍ତି। ହେଲେ ଶବ୍ଦ ପ୍ରଦୂଷଣ ଲୋକଙ୍କୁ ଶାନ୍ତିରେ ଶୁଆଇ ଦେଉନି। ରାତି ୧୦ଟା ପରେ ମାଇକ୍ ବଜାଇବା ସହ ନାଚଗୀତ ଉପରେ କଟକଣା ରହିଛି। ତେବେ ଗୋନାସିକା ମହୋତ୍ସବରେ ଉଚ୍ଚ ଶକ୍ତିସମ୍ପନ୍ନ ସାଉଣ୍ଡ କରି ନୃତ୍ୟଗୀତ ହେଉଛି।ଜିଲା ମୁଖ୍ୟଡାକ୍ତରଖାନା ସାଙ୍ଗକୁ ନର୍ସିଂହୋମ ଆଦି ରହିଥିବାରୁ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନିୟନ୍ତ୍ରଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ଧାନକାଟ ନେଇ ମଣ୍ଡିରେ ଉତ୍ତେଜନା



ଚାଷୀମାନେ ଶଗଡ଼ ରଖି ରାସ୍ତା ଅବରୋଧ କରିଛନ୍ତି।

**ଭାପୁର, ୨୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ସୋମବାର ଧାନକାଟକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହାର ପ୍ରତିବାଦରେ ଚାଷୀମାନେ ଶଗଡ଼ ରଖି ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ।

କୁଇଣ୍ଟାଲ ପିଛା ୧.୪ କେଜି ଧାନ କାଟ କରିବାକୁ ସରକାରୀ ନିୟମ ରହିଛି। ଏହାକୁ ଅବମାନନା କରି ମିଲର ୩.୫୮ କେଜି ଧାନ କାଟ କରିଥିଲେ। ଏହାକୁ ଚାଷୀ ବିରୋଧ କରିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏସ୍‌ଆଇ ରବୀନ୍ଦ୍ର କୁମାର ସାହୁ, ସୁପରଭାଇଜର ଗୋକୁଳାନନ୍ଦ କଅଁର ପହଞ୍ଚି ବୁଝାଶୁଝା କରିଥିଲେ। ଆପୋସ ବୁଝାମଣା ପରେ କୁଇଣ୍ଟାଲ ପିଛା ୩.୫ କେଜି ଧାନ କାଟ କରିବା ସହ ବସ୍ତା ବାବଦକୁ ୧୦ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ପରେ ରାସ୍ତାରୋକୋ ହଟିବା ସହ ମଣ୍ଡି ସ୍ୱାଭାବିକ ହୋଇଥିଲା।

# ବିଜେଡିର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଏବଂ ସମର୍ଥକମାନେ।

**ପରଜଙ୍ଗ, ୨୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ହାଟ ପଡ଼ିଆରେ ସୋମବାର ବିଜେଡିର ୧ନଂ. ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଆଗାମୀ ନିର୍ବାଚନରେ ଜୋନ୍-୧ରେ ଦଳ ଯେପରି ଅଧିକ ଭୋଟ ପାଇବ ସେ ଦିଗରେ ଏବେଠାରୁ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନ୍ତ୍ରୀ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଘାଘରାମୁଣ୍ଡା, ଦଶୀପୁର, ଗଡ଼ପଳାଶୁଣି, ମହାବିରୋଡ, ଚାନ୍ଦପୁର, ବିରିବୋଲେଇ ପଞ୍ଚାୟତର ବିଭିନ୍ନ ଦଳର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ଇଂ. ଅଜିତ କୁମାର ସାହୁ, ଜିଲା ପରିଷଦ ସଦସ୍ୟା ସୁକାନ୍ତି ପ୍ରଧାନ, ଜୋନ୍ ସଭାପତି ଇଂ. ରାଜେଶ ଦେହୁରି, ସରପଞ୍ଚ ସୁଶାନ୍ତ ସାହୁ, ଗୁଣନିଧି ସାହୁ, ରାମଚନ୍ଦ୍ର ସାହୁ, ଟିକମ ହାତୀ, ପଞ୍ଚାୟତ ଦେହୁରୀ, ସୁବାସ ଗଡ଼ନାୟକ, ସୁବ୍ରତ ଦାସ, ପ୍ରେମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ମଞ୍ଚରେ ସାଇକେଲ ସେଲ୍‌ଫି ବିବାଦ

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

କେନ୍ଦୁଝରର ଗୋନାସିକା ମହୋତ୍ସବ ରବିବାର ସନ୍ଧ୍ୟାରେ ଧୁମଧାମରେ ଆରମ୍ଭ ହୋଇଛି। ସୋମବାର ଶିଶୁ ମଙ୍ଗଳ କମିଟିର ଜଣେ ସଦସ୍ୟ ଏକ ସାଇକେଲ ମଞ୍ଚ ଉପରକୁ ନେଇଥିଲେ। ସେଠାରେ ପୋଜ ଦେଇ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ମଞ୍ଚ ଉପରେ ସାଇକେଲରେ ପୋଜ ଦେବାକୁ ପ୍ରୋତ୍ସାହିତ କରାଯାଉଥିବାବେଳେ ବାଇକ୍‌ରେ କାହିଁକି ପୋଜ ଦେବାକୁ ଛଡା ଯିବ ନାହିଁ ବୋଲି ଆଲୋଚନା ହେଉଛି। ସର୍ବଦା ସେଲ୍‌ଫି ପାଇଁ ଚର୍ଚ୍ଚାରେ ରହି ଆସୁଛନ୍ତି ଉକ୍ତ ବ୍ୟକ୍ତି। ଏହି ସେଲ୍‌ଫିକୁ ନେଇ ସେ ଅଡୁଆରେ ପଡିଯାଇଛନ୍ତି। ଉକ୍ତ ଘଟଣାକୁ ନେଇ ସଂସ୍କୃତି ଓ କଳାକାରପ୍ରେମୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି ଘଟଣା ମହୋତ୍ସବ ମଞ୍ଚକୁ ଅବମାନନା ହୋଇଥିବା ଅଭିଯୋଗ ହେଉଥିବା ବେଳେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଡିହଡୋଳ ସେକ୍ସନରେ ୨୦୦ ହାତୀ

**ପରଜଙ୍ଗ, ୨୪।୧୨(ଡି.ଏନ୍.ଏ.)**

ଯୁଆଡ଼େ ଗଲେ ପଲପଲ ହାତୀ। ରାତି ଦିନ କିଛି ମାନୁନାହାନ୍ତି। ଜନବସତିରେ ଉତ୍ପାତ କରୁଛନ୍ତି। ଫସଲ ଯେତିକି ଖାଉଛନ୍ତି, ତା'ଠାରୁ ଢେର ଅଧିକ ଦଳିଚକଟି ନଷ୍ଟ କରି ପକାଉଛନ୍ତି। ସକାଳୁ କାମକୁ ବାହାରୁଥିବା ଲୋକେ ସଞ୍ଜରେ କିପରି ସୁରକ୍ଷିତ ଭାବେ ଘରକୁ ଫେରିବେ ସେହି ଚିନ୍ତାରେ ଦିନ କାଟୁଛନ୍ତି। ଏପରିସ୍ଥିତିରେ ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନର ଅଧିକାଂଶ ଗ୍ରାମରେ ହାତୀ ଚିନ୍ତାର କାରଣ ପାଲଟିଥିବାବେଳେ ଲୋକଙ୍କ ଜୀବନଜୀବିକା ଦୁର୍ବିଷହ ହୋଇଗଲାଣି।

ଢେଙ୍କାନାଳ ଜିଲାର ଅଧିକାଂଶ ସଂରକ୍ଷିତ ଜଙ୍ଗଲରୁ ହାତୀ ଏବେ ପରଜଙ୍ଗ ମୁହାଁ ହୋଇଛନ୍ତି। ପାଖାପାଖି ୨୦୦ ହାତୀ ଏବେ ଦଳବଦ୍ଧ ହୋଇ ଉପଦ୍ରବ ଆରମ୍ଭ କରିଛନ୍ତି। ଫସଲ ଖାଇବା ଅପେକ୍ଷା ରାତିଅଧିଆ ଘରଦ୍ୱାର ଭାଙ୍ଗିବା ଏବେ ଚିନ୍ତା ବଢ଼ାଇଛି। ଭାଲୁମୁଣ୍ଡା ଆଶ୍ରମ ନିକଟ ବାରବାଙ୍କ ଜଙ୍ଗଲରେ ଅଧିକାଂଶ ସମୟ ହାତୀ ଦଳବଦ୍ଧ ହୋଇ ରହୁଛନ୍ତି। ଅପରାହ୍ନ ହେଉ ହେଉ ସେଠାରୁ ବାହାରି କନ୍ଦରସିଂହା, ମଝିକା, ଲୋଧଣି, ଖଣ୍ଡୁଆଳମୁଣ୍ଡା, ଡମୋଳ, ସରାଙ୍ଗ, ଖାଲପାଳ, ଜଟିଆ ଅଞ୍ଚଳରେ ପଶୁଛନ୍ତି। ରାତିରେ ଲୋକେ ଘରେ ରହିବାକୁ ଭୟ କଲେଣି। ହାତୀଙ୍କୁ ଘଉଡ଼ାଇବାକୁ ବନ ବିଭାଗ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥିବାବେଳେ ସୁଫଳ ମିଳୁନାହିଁ। ଦୁଇମାସ ମଧ୍ୟରେ ହାତୀ ଆକ୍ରମଣରେ ୩ଜଣଙ୍କ ଜୀବନ ଯାଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀଙ୍କୁ ଘଉଡ଼ାଇବାକୁ ବନ କର୍ମଚାରୀ ଦିନରାତି ଏକ୍ କରିଦେଇଛନ୍ତି। ତଥାପି ସେମାନଙ୍କୁ ଆୟତ୍ତ କରିବା କିମ୍ବା ଘଉଡ଼ାଇବା ସମ୍ଭବ ହେଉନାହିଁ। ଫସଲ ଲୋଭରେ ହାତୀ ଖେତ ଛାଡୁନାହାନ୍ତି। ଲୋକଙ୍କୁ ସତର୍କ ରହିବାକୁ ସଚେତନ କରାଯାଉଛି।

■ଅଞ୍ଚଳବାସୀ ଛାନିଆ
■ରାତି ହେଲେ ବଢୁଛି ଆତଙ୍କ

### ଚାଷୀଙ୍କୁ କଚାଡ଼ିଦେଲା ଦନ୍ତା



ପରଜଙ୍ଗ ପଞ୍ଚାୟତ ବାରବାଙ୍କ ସାହିର ଚାଷୀ ଗଣେଶ୍ୱର ନାଏକ ସୋମବାର ଦନ୍ତାହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଘରଠାରୁ ଅଳ୍ପଦୂର ବେରେଣାରେ ଧାନ କାଟୁଥିବାବେଳେ ଉକ୍ତ ଦନ୍ତା ତାଙ୍କୁ ପଛପଟୁ ଆକ୍ରମଣ କରିବା ସହ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ତାଙ୍କ ଦାଦାପୁଅ ଧରମା ନାଏକ ପ୍ରାଣ ବିକଳରେ ଦୌଡ଼ି ପଳାଉଥିବାବେଳେ ହାତୀ ତାଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ଗଣେଶ୍ୱର କୌଣସି ମତେ ଦନ୍ତା କବଳରୁ ଜୀବନ ବଞ୍ଚାଇ ପଳାଇ ଆସିଥିଲେ। ତେବେ ତାଙ୍କର କାନ୍ଧ ହାଡ଼ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କାମାକ୍ଷାନଗର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଇଣ୍ଡୋନେସିଆ ସୁନାମୀ ମୃତ୍ୟୁସଂଖ୍ୟା ୩୭୩

ଜାକର୍ତ୍ତା,୨୪।୧୨: ଇଣ୍ଡୋନେସିଆ ସୁନାମୀ ମୃତ୍ୟୁସଂଖ୍ୟା ୩୭୩ରେ ପହଞ୍ଚିଛି। ଏଥିରେ ୧୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜାତୀୟ ବିପର୍ଯ୍ୟୟ ଏଜେନ୍ସି ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ୧୨୮ ଜଣ ଏବେ ବି ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶନିବାର ରାତିରେ ସମୁଦ୍ର ମଧ୍ୟରେ ଅଗ୍ନି ଉଦ୍‌ଗୀରଣରୁ ସୁନାମୀ ଆସି ଦକ୍ଷିଣ ସୁମାତ୍ରା ଏବଂ ପଶ୍ଚିମ ଜାଭାକୁ କ୍ଷତିଗ୍ରସ୍ତ କରିଥିଲା।

### ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ବଡ଼ଦିନ

ଅନୁଗୋଳ ଅଫିସ, ୨୪।୧୨: ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ବଡଦିନ ପାଳିତ ହୋଇଯାଇଛି। ଅଧକ୍ଷ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସ୍କୁଲର ବରିଷ୍ଠ ଶିକ୍ଷକ ଜନ୍ ଲିଟିଲ ଉଡ୍ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ଉପଲକ୍ଷେ ଧରାପୃଷ୍ଠରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ଉପରେ ଛାତ୍ରୀଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ, ଉପାଧକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। ଅଭିନୟରେ ଯିଶୁଖ୍ରୀଷ୍ଟଙ୍କ ମା' ମେରୀ ଓ ବାପା ଯୋଶେଫ୍‌ଙ୍କ ଭୂମିକା ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

### କିଆକଟା ସେମିରେ

ମାଧପୁର, ୨୪।୧୨- ଆଠମଲ୍ଲିକ ବ୍ଲକ ମାଧପୁର ପଡ଼ିଆରେ ଚାଲିଥିବା ସୁପର ସିକ୍ସର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଅନୁଗୋଳ ଯୋରଡ଼ା ଏବଂ ସୋନପୁର କମିରା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଯୋରଡା ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଯୋରଡା ଓ କିଆକଟା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ କିଆକଟା ଟିମ୍ ବିଜୟୀ ହେବା ସହ ପ୍ରଥମ ଟିମ୍ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରକାଶ ବିଶାଳ, ଶଶିଭୂଷଣ ବିଶାଳ, ସ୍ନେହାଶିଷ ମହାନ୍ତି, ଦିଲାପ ବଘାର ଖେଳ ପରିଚାଳନା କରିଥିଲେ।

### ବଧୂ ହତ୍ୟା ଅଭିଯୋଗ ଘଟଣା, ଦିଅର ଗିରଫ

ଛେଣ୍ଡିପଦା,୨୪।୧୨(ସ୍ୱ.ପ୍ର.)- ଅଧିକ ଯୌତୁକ ଦାବିରେ ଛେଣ୍ଡିପଦା ଥାନା ବାଲିପଟା ଗ୍ରାମର ମିନି ସାହୁଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ ଘଟଣାରେ ସୋମବାର ପୋଲିସ ମିନିଙ୍କ ଦିଅର ମିଟୁ ଓରଫ ସୁନୀଲ ମାଝିଙ୍କୁ ଗିରଫ କରିଛି। ମଙ୍ଗଳବାର ସୁନୀଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ପ୍ରକାଶଥାଉ କି, ନିରଞ୍ଜନ ସାହୁଙ୍କ ଝିଅ ମିନି ସେହି ଗ୍ରାମର ସୁଶୀଳ ମାଝିଙ୍କ ପୁଅ ସିଲୁ ମାଝିଙ୍କୁ ୩ ବର୍ଷ ପୂର୍ବେ ବିବାହ କରିଥିଲେ। କିଛି ଦିନ ହେବ ଅଧିକ ଯୌତୁକ ଦାବି କରି ଶାଶୁ ଶୁଲ ମାଝି,ଶ୍ୱଶୁରଙ୍କ ସମେତ ଜ୍ୱାଇଁ, ଦିଅର ମିଶି ମିନିଙ୍କୁ ମାଡ଼ ମାରିବା ସହ ତାଙ୍କୁ ବିଷ ପିଆଇଦେଇଥିବା ନିରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଫଳରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମିନିଙ୍କ ମୃତ୍ୟୁ ଘଟିଥିଲା।

### ଚୋର ନ ଧରି ଦାବିଦାର ଖୋଜୁଛି ପୋଲିସ

ଯୋଡ଼ା, ୨୪।୧୨(ଡି.ଏନ.ଏ.) ଯୋଡ଼ା ଥାନା ଖୁଣ୍ଟପାଣି-ସୁରୁଗୁଡୁରିଆ ଜଙ୍ଗଲରୁ ବିପୁଳ ପରିମାଣର ଚୋରା ପିଲେଟ୍ ପୋଲିସ ଜବତ କରିଛି। ଏ ପିଲେଟ୍‌କୁ ଯୋଡ଼ା ଥାନା ପରିସରରେ ରଖାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ଜଙ୍ଗଲ ଭିତରେ ଚୋରା ପିଲେଟ୍ ଡିପୋ ଧରିତ୍ରୀରେ ଶୀର୍ଷକ ଖବର ପ୍ରକାଶ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କରୁଛି। ଯୋଡ଼ା ପୋଲିସ ଜବତ ପିଲେଟ୍ କେଉଁ ଶିଳ୍ପ କାରଖାନାର ବୋଲି ତଦନ୍ତ ଆରମ୍ଭ କରିଥିଲା। ୨ କାରଖାନାର କର୍ତ୍ତୃପକ୍ଷଙ୍କୁ ପଚରାଯିବା ପରେ ପିଲେଟ୍ କେଉଁ ଶିଳ୍ପ ସଂସ୍ଥାର ତାହା ଜଣାପଡ଼ିବ ବୋଲି ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତ କହିଛନ୍ତି। ଏହି ଚୋରା ପିଲେଟ୍ କେଉଁଠାରୁ ଆସିଲା, କେଉଁମାନେ ଏଠାକୁ ପରିବହନ କରି ଜଙ୍ଗଲ ଭିତରେ ଚୋରାରେ ଗଚ୍ଛିତ କଲେ ତାହା ତଦନ୍ତ କରିବା ପରିବର୍ତ୍ତେ ପୋଲିସ ପିଲେଟ୍ ଦାବିଦାର ଖୋଜିବାରେ ବ୍ୟସ୍ତ ରହିଥିବା ଅଭିଯୋଗ ହେଉଛି। ଏ ନେଇ ଯୋଡା ଥାନା ଅଧିକାରୀ ରାଉତଙ୍କ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

# ବୈଠକ ପରେ ଉଠିଲା ବାସନ୍ଦ

ବନ୍ତଳା, ୨୪।୧୨ (ଡି.ଏନ.ଏ.)



ଗ୍ରାମବାସୀଙ୍କ ବୈଠକ।

ଅନୁଗୋଳ ଜିଲା ବନ୍ତଳା ଥାନା ବସଲା ମୁଣ୍ଡାଡ଼ିପ ସାହିର ଶଙ୍କର୍ଷଣ ସାହୁଙ୍କୁ ୪ ବର୍ଷ ପୂର୍ବରୁ ଗାଁ ଚଳଣିରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ଗତ ଶୁକ୍ରବାର ତାଙ୍କ ମା'ଙ୍କ ଶବ ଉଠାଇବାକୁ କେହି ନ ଆସିବାରୁ ବିଜୁ ଯୁବ ବାହିନୀ ସଦସ୍ୟ ସହଯୋଗ କରିଥିଲେ। ଉକ୍ତ ଘଟଣାକୁ ନେଇ ଶନିବାର ଗ୍ରାମ କୋଠଘରେ ଏକ ସାଧାରଣ ବୈଠକ ବସି ବାସନ୍ଦ ସମସ୍ୟାର ସମାଧାନ କରାଯାଇଥିଲା।

ନାଏବ ସରପଞ୍ଚ ଅଲିଭା ସାହୁ, ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ନେତୃତ୍ୱରେ ଏହି ବୈଠକ ଡକାଯାଇଥିଲା। ଗ୍ରାମ ସଭାପତି ଚରଣ ବେହେରା, ସମ୍ପାଦକ ରାମଚନ୍ଦ୍ର ସାହୁ, ପୀତାମ୍ବର ବାରିକ, ଗଗନ ପ୍ରଧାନ, ସୁଧାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଅଚ୍ୟୁତ ପ୍ରଧାନ, ଗୋପାଳ ବାରିକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଲୋକ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଶଙ୍କର୍ଷଣ ଗାଁ ଟଙ୍କା ଫେରାଇ ନ ଥିବାରୁ କ୍ଷମା ମାଗିବା ସହିତ ଗାଁରେ ମିଶାଇବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଗ୍ରାମବାସୀ ତାଙ୍କୁ କ୍ଷମା କରିବା ସହିତ ନେଇଥିବା ଟଙ୍କା ବିନା ସୁଧରେ ଫେରାଇବା ପାଇଁ କହିଥିଲେ। ଏଥିରେ ଶଙ୍କର୍ଷଣ ସହମତି ପ୍ରକାଶ କରି ପ୍ରତ୍ୟେକ ମାସରେ ୫ ହଜାର ଟଙ୍କା ଲେଖାଏ ଦେବେ ବୋଲି ରାଜି ହୋଇଥିଲେ। ପରେ ସମସ୍ତ ପରିବାର ସାହି ବାସିନ୍ଦା ଓ ଗ୍ରାମବାସୀ ଏକାଠି ଚଳିଥିଲେ।

- କ୍ଷମା ମାଗିବା ସହ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି
- ବିନାସୁଧରେ ମାସକୁ ଶୁଝିବେ ୫ ହଜାର

## ଉପଯୁକ୍ତ ଶିକ୍ଷା ଶିଶୁଙ୍କ ଜ୍ଞାନ ବିକାଶ କରିବ

କଣିହାଁ, ୨୪।୧୨(ଡି.ଏନ.ଏ.)

ଶିଶୁଙ୍କଠାରେ ଥିବା ଅନେକ ପ୍ରତିଭା ବିକଶିତ ହେବାକୁ ଠିକ୍ ମାର୍ଗ ଆବଶ୍ୟକ। ଯାହା ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁଦାୟିତ୍ୱ। ଉପଯୁକ୍ତ ଶିକ୍ଷା ହିଁ ଶିଶୁଙ୍କ ଜ୍ଞାନ ବିକାଶ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ରାସ୍ତା ଦେଖାଇଥାଏ ବୋଲି କଣିହାଁ ବ୍ଲକ ବଡଗୁଣ୍ଡୁରୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କଣିହାଁ କୋଇଲା ଖଣି ପ୍ରବନ୍ଧକ ନାରାୟଣ ଦାସ, କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ଯୋଗ ଓ ଶିକ୍ଷା ମିଶନର ଓଡ଼ିଶା ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରାଣବନ୍ଧୁ ସ୍ୱାଇଁ, ସମ୍ପାଦକ ପ୍ରଭାକର ସାହୁ, ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଜେଡି ଜୋନସ୍ତରୀୟ କର୍ମଶାଳା




ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ବିଜୁ ଜନତା ଦଳର ଜିଲା ପରିଷଦ ୩ନମ୍ବର ଜୋନର ସମସ୍ତ ୱାର୍ଡ କମିଟି ସଭ୍ୟାସଭ୍ୟଙ୍କ ଏକ କର୍ମଶାଳା ପଞ୍ଚମହଲା ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ତଥା ଜିଲା ବିଜେଡି ସଭାପତି ରଜନୀକାନ୍ତ ସିଂ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ଓ ଅର୍ଥନୈତିକ ଅସହଯୋଗ ଉପରେ ଆଲୋକପାତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ସଭ୍ୟା ରୁବି ସାହୁ, ସୁକାନ୍ତି ନାଏକ, ବଣ୍ଟରପାଳ ବ୍ଲକ ସଭାପତି ବିଜୟ କୁମାର ନାଥ, ଭାଗୀରଥି ମାଝି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁଜିତ ଦ୍ୱିବେଦୀ, ଜିଲା ଛାତ୍ର ସଭାପତି ରାଜୀବ ଲୋଚନ ଦାସ, ସରୋଜ ନାରାୟଣ ସାହୁ, ସରୋଜ ନାଏକ, ଅଜିତ୍ ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ଥିଲେ। ଖଲାରୀ ପଞ୍ଚାୟତ ନାଏବ ସରପଞ୍ଚ ସବିତା ପ୍ରଧାନ, କୁମୁରିସିଂହା ପଞ୍ଚାୟତର ୱାର୍ଡ ମେମ୍ବର ଗୌତମ ବେହେରା ବିଜେଡିରେ ଯୋଗଦାନ କରିଥିଲେ।

# ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ସ୍ୱପ୍ନ

ରାଇସୁଆଁ, ୨୪।୧୨(ଡି.ଏନ.ଏ.)



ଭଙ୍ଗା ଚାଳିଆରେ ମାଧ ମୁଣ୍ଡାଙ୍କ ପରିବାର।

ସରକାରଙ୍କ ପକ୍ଷରୁ ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକା ଘର ଯୋଜନା କାର୍ଯ୍ୟକାରି ହୋଇଛି। ତାହା ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତର ରୁଗୁଡି ସାହିର ମାଧ ମୁଣ୍ଡାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରି ତାଙ୍କ ପରିବାର ନୟାନ୍ତ ହେଲେଣି। ଅଦ୍ୟାବଧି ଘର ମିଳିଲା ନାହିଁ ବୋଲି ମାଧ କହିଛନ୍ତି।

୫ ପ୍ରାଣୀ କୁଟୁମ୍ବ ଖରା, ବର୍ଷା, ଶୀତରେ ଭଙ୍ଗା ଦଦରା ଘରେ ରହୁଛନ୍ତି। ବର୍ଷା ଦିନେ ଘର ଭିତରେ ଆଣ୍ଠୁଏ ଲେଖାଏଁ ପାଣିରେ ରହିବାକୁ ପଡୁଛି। ସରକାର ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଜନକଲ୍ୟାଣ ଯୋଜନା ସମ୍ପର୍କ ସଚେତନ କରାଉଛନ୍ତି। ବହୁ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ, ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଉଛି। ମାଧ ମଧ୍ୟ ପିଠା କାର୍ଯ୍ୟକ୍ରମକୁ ଯାଇଥିଲେ। ସେ କୌଣସି ସହାୟତା ନ ପାଇ ନିରାଶ ହୋଇ ଫେରିଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ନିରାଶ୍ରୟ ମାଧଙ୍କୁ ଘର ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

- ଭଙ୍ଗା ଘରେ ୫ ପ୍ରାଣୀ
- ମିଳୁନି ସରକାରୀ ସହାୟତା

## ନାବାଳିକାଙ୍କୁ ବଳାତ୍କାର ନେଇ ମାମଲା

ଆନନ୍ଦପୁର/ ଘସିପୁରା, ୨୪।୧୨(ସ୍ୱ.ପ୍ର.)

ଘସିପୁରା ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ରବିବାର ଅଭିଯୋଗ ହୋଇଛି। କେଶଦୁରାପାଳ ଗ୍ରାମର କାଳିଆ ବେହେରା ନାମକ ଜଣେ ଯୁବକ ୧୯ ତାରିଖରେ ନାବାଳିକାଙ୍କୁ ଅପେରା ଦେଖାଇବାକୁ ନେଇ ବଳାତ୍କାର କରିଛନ୍ତି। ଏ ନେଇ ନାବାଳିକାଙ୍କ ମା' ଘସିପୁରା ଥାନାରେ ସମ୍ପୃକ୍ତ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ ଦେଇଛନ୍ତି। ଫେରାର ଥିବା ଯୁବକଙ୍କୁ ପୋଲିସ ଖୋଜୁଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବାର୍ଷିକୋତ୍ସବ, ଅଭିଭାବକ ସମାରୋହ

ବଡ଼ବିଲ, ୨୪।୧୨(ସ୍ୱ.ପ୍ର.)

ବଡ଼ବିଲ ସୁନ୍ଦରାସ୍ଥିତ ଗ୍ରୀନ ହିଲ୍ସ ପବ୍ଲିକ ସ୍କୁଲରେ ସୋମବାର ବାର୍ଷିକୋତ୍ସବ ଓ ଅଭିଭାବକ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବଡ଼ବିଲ ତହସିଲଦାର କ୍ଷୀରୋଦ ବେହେରା, ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ ଏବଂ ଯୋଗେନ୍ଦ୍ରନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ନିର୍ଦ୍ଦେଶକ ପ୍ରତାପ କିଶୋର ଦାସ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ ମିଶ୍ର ସଭାପତିତ୍ୱ କରିଥିଲେ। ନର୍ସରୀ ଟିଚର୍ସ ଟ୍ରେନିଂରେ ସଫଳ ହୋଇଥିବା ୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍‌ଆଇ ଅଫିସ୍ ଆଗରେ ବିକ୍ଷୋଭ



କୃଷକ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମାଧପୁର, ୨୪।୧୨

ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ତରଫରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ସୋମବାର ମାଧପୁର ସର୍କଲ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାତ୍ୟା ପାଥେଇ ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଠିକ୍ ସମୟରେ ଓ ଉଚିତ୍ ମୂଲ୍ୟରେ ଚାଷୀଙ୍କୁ ସାର ଓ ଔଷଧ ପ୍ରଦାନ, ମଣ୍ଡିରେ ଧାନର କ୍ରୟ ବେଳେ ଅନିୟମିତତା କରୁଥିବା ଅଧିକାରୀ ତଥା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥବା ବିକ୍ଷୋଭ ସଭାରେ ମାଧପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶାଳ, ସଂଘର ସଭାପତି ଦେବେନ୍ଦ୍ର ପ୍ରଦାନ, ସମ୍ପାଦକ ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କୁ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଦିଆଯାଇଥିଲା। କୈଳାସ ମହାଖୁଡ଼, ଅକ୍ଷୟ ପ୍ରଧାନ, ନାରିନେତ୍ରୀ ଶାନ୍ତିଲତା ବେହେରା, ହରିବନ୍ଧୁ ସାହୁ, ବୈରାଗୀ ପ୍ରଧାନ, ପହଲି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିକରି ହତ୍ୟା

ଚୌଦ୍ୱାର, ୨୪।୧୨(ଡି.ଏନ୍.ଏ.): କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ବରମପୁର ପଞ୍ଚାୟତ କମଙ୍ଗ ଗ୍ରାମର ନନ୍ଦଖାଲିଆ ନିକଟରେ ସୋମବାର ରାତି ପ୍ରାୟ ୮ଟାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ଷଣ୍ଢପଡ଼ିଆ ମୁଣ୍ଡାସାହିର ବିଭୀଷଣ ସିଂ(୪୫)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୁଣ୍ଡାସାହିର ୩ ଜଣ ଯୁବକ ବିଭୀଷଣଙ୍କୁ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁଣ୍ଡାସାହିର ୩ଜଣ ଯୁବକ ସୋମବାର ରାତି ପ୍ରାୟ ୮ଟାରେ ବିଭୀଷଣଙ୍କୁ ମାଛ ଧରିବା ପାଇଁ କମଙ୍ଗ ଗ୍ରାମ ନିକଟସ୍ଥ ନନ୍ଦଖାଲିଆକୁ ଡାକି ନେଇଥିଲେ। ପୂର୍ବ ଶତ୍ରୁତା ଓ ମାଛ ଧରିବାକୁ କେନ୍ଦ୍ରକରି ପ୍ରଥମେ ସେମାନଙ୍କ ମଧ୍ୟରେ ବଚସା ଓ ପରେ ଝଗଡ଼ାର ସୂତ୍ରପାତ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ୩ ଜଣଙ୍କ ମଧ୍ୟରୁ ଜଣେ ଯୁବକ ପାଖରେ ରଖିଥିବା ଏକ ପିସ୍ତଲ ବାହାର କରି ବିଭୀଷଣ ଉପରକୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ବିଭୀଷଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାପରଠାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# ଝିଅକୁ କ୍ୟାନ୍‌ସର, ଚିକିତ୍ସାରେ ଅର୍ଥ ବାଧକ

ରାଇସୁଆଁ, ୨୪।୧୨ (ଡି.ଏନ.ଏ.)



ମା'ଙ୍କ ସହ ଅସହାୟ ୨ ଝିଅ।

ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ସେହି ଯୋଜନା ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁନି। ଲୋକେ ରୋଗ ଯନ୍ତ୍ରଣାରେ ପଡ଼ି ଛଟପଟ ହେଉଛନ୍ତି। ସେମାନେ ସରକାରୀ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପର୍ଜ୍ଜନପୁର ପଞ୍ଚାୟତ କଣିରାପାଟଣା ଗ୍ରାମର ବିଧବା ପ୍ରମିଳା ମହାନ୍ତଙ୍କ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କ ସ୍ୱାମୀ କୁଞ୍ଜବିହାରୀ ଜଣେ ନିର୍ମାଣ ଶ୍ରମିକ ଥିଲେ। ୫ବର୍ଷ ତଳେ ସେ କାମ କରୁଥିବା ସମୟରେ ପଡିଯାଇଥିଲେ। ତାଙ୍କର ଅଣ୍ଟା ଭାଙ୍ଗି ଯାଇଥିଲା। ଉତ୍ତମ ଚିକିତ୍ସା ନ ମିଳିବାରୁ ୪ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରଙ୍କ ତରଫରୁ ନିର୍ମାଣ ଶ୍ରମିକ ହୋଇଥିବାରୁ ତାଙ୍କ ପରିବାରକୁ ୧ ଲକ୍ଷ ୫ ହଜାର ଟଙ୍କା ସହାୟତା ମିଳିଥିଲା। ନିରକ୍ଷରତାର ସୁଯୋଗ ନେଇ ଜଣେ ଅସାମାଜିକ ଲୋକ ତାଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୫୫ ହଜାର ଟଙ୍କା ଉଠାଇ ହଡ଼ପ କରି ଫେରାର ହୋଇଯାଇଛନ୍ତି।

ଅନ୍ୟପଟେ ଆଉ ଏକ ଦୁଃଖ ତାଙ୍କ ପରିବାରକୁ ମାଡ଼ି ଆସିଛି। ତାଙ୍କର ୨ ଝିଅ ମଧ୍ୟରୁ ବଡ଼ ଅସୁସ୍ଥ ହୋଇ ପଡ଼ିଛନ୍ତି। ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ କ୍ୟାନସର ହୋଇଥିବା ଜଣା ପଡ଼ିଛି। ଆର୍ଥିକ ଅନାଟନରେ ପରିବାର ରହିଥିବା ବେଳେ ବଡ ଝିଅର ଚିକିତ୍ସା ପାଇ ଚିନ୍ତାର କାରଣ ହୋଇଛି। ସମ୍ପୃକ୍ତ ପରିବାରର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ଝିଅର ଚିକିତ୍ସା ଲାଗି ପାଖରେ ଅର୍ଥ ଅଭାବ ରହିଛି। ଦାରିଦ୍ର୍ୟରୁ ଦଶମ ଶ୍ରେଣୀରୁ ବଡ ଝିଅ ପାଠପଢା ଛାଡି ଦେଇଛନ୍ତି। ତାଙ୍କ ମା' ଝିଅର ଚିକିତ୍ସା ପାଇଁ ବାରଦ୍ୱାର ଘୁରି ବୁଲୁଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

- ମୃତ ଶ୍ରମିକଙ୍କ ପରିବାରକୁ ଅଣଦେଖା
- ସହାୟତା ଅର୍ଥ ହଡ଼ପ
- ଦୁର୍ଦ୍ଦିନରେ ବିତୁଛି ଜୀବନ

**■ବାକି ପଡ଼ିଛି ପଞ୍ଚାୟତ ନିର୍ବାଚନ ଗାଡ଼ି ଭଡ଼ା**

## ୭ ଦିନ ମଧ୍ୟରେ ପ୍ରଦାନ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୨୪।୧୨

ଗତ ପଞ୍ଚାୟତ ନିର୍ବାଚନରେ ଅନୁଗୋଳ ଜିଲାରେ ନିୟୋଜିତ ହୋଇଥିବା ଅନେକ ଗାଡ଼ିର ଭଡ଼ା ପୈଠ କରାଯାଇ ନାହିଁ। ଏ ନେଇ ଗତ ୧୫ ତାରିଖରେ ଅନୁଷ୍ଠିତ ଜିଲା ପଞ୍ଚାୟତ ଅଧିକାରୀଙ୍କ ସମୀକ୍ଷା ବୈଠକରେ ନିର୍ବାଚନ କମିଶନ ଜାଣିବାକୁ ପାଇଥିଲେ। ଏହାପରେ ଜିଲା ପ୍ରଶାସନକୁ ଗାଡ଼ି ମାଲିକମାନଙ୍କ ଉପଯୁକ୍ତ ଦସ୍ତାବିଜ ମାଗିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ତାହା ଦେବାରେ ଅକ୍ଷମ ହୋଇଥିଲେ। ଫଳରେ ନିର୍ବାଚନ କମିଶନ ଜିଲା ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ପ୍ରଶାସନ ୭ ଦିନ ମଧ୍ୟରେ ବକେୟା ଅର୍ଥ ପ୍ରଦାନ କରିବ ବୋଲି ଜଣାପଡ଼ିଛି।

ଏ ନେଇ ସୋମବାର ପ୍ରଶାସନ ପକ୍ଷରୁ ଚିଠି ନଂ.୧୦୮୪ରେ ଅବଗତ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପଞ୍ଚାୟତ ନିର୍ବାଚନରେ ନିୟୋଜିତ ହୋଇଥିବା ଅଧିକାଂଶ ଗାଡ଼ି ମାଲିକ ସେମାନଙ୍କ ଭଡ଼ା ଅର୍ଥ ଏ ପର୍ଯ୍ୟନ୍ତ ପାଇନାହାନ୍ତି। ଆବଶ୍ୟକ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ଗାଡ଼ି ମାଲିକମାନେ ଦାଖଲ କରି ନ ଥିବାରୁ ଅର୍ଥ ସେମାନଙ୍କୁ ପ୍ରଦାନ କରାଯାଇ ନାହିଁ। ଗାଡ଼ି ମାଲିକ ନିଜ ନାମରେ ଥିବା ବ୍ୟାଙ୍କ ଖାତାର ଜେରକ୍ସ କପି ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଆସନ୍ତା ୭ ଦିନ ମଧ୍ୟରେ ଦାଖଲ କରି ସେମାନଙ୍କ ବକେୟା ଅର୍ଥ ପାଇ ପାରିବେ ବୋଲି ଜିଲା ପଞ୍ଚାୟତ ଅଧିକାରୀ କହିଛନ୍ତି।

**■ଦେବେନ୍ଦ୍ର ମେମୋରିଆଲ କ୍ରିକେଟ**

# ନାଗପୁରକୁ ହରାଇ ଭୁବନ ବିଜୟୀ



କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଭୁବନ, ୨୪।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ୩ୟ ଲିଗ୍ ମ୍ୟାଚ୍‌ରେ ନାଗପୁରକୁ ହରାଇ ଭୁବନ ବିଜୟୀ ହୋଇଛି। ଟସ୍‌ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭୁବନ ୨୭.୩ ଓଭରରେ ୧୪୭ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ନାଗପୁର କରିମ୍ କ୍ରିକେଟ ଏକାଡେମୀ ୩୦ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ବିଶ୍ୱଜିତ୍ ସାହୁ ୩୧ ରନ୍ କରିଥିଲେ। ଏଥିସହ ୬ଓଭର ବୋଲିଂ କରି ୨୬ରନ୍ ବ୍ୟୟରେ ୨ ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିସ ରାୟ, ଅସିତ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରଜିତ୍ କିଶୋର ସାହୁ , ଅମିତାଭ ସାହୁ ଧାରାବିବରଣୀ ଦେଇଥିଲେ। ଭୁବନ କ୍ରିକେଟ କ୍ଲବର ପ୍ରତିଷ୍ଠାତା ସଭ୍ୟ କୈଳାସ ଚନ୍ଦ୍ର ବେହେରା, ଶକ୍ତିପ୍ରସାଦ ସାହୁ, ଭୁବନାନନ୍ଦ ହୋତା, ଶୁଭେନ୍ଦୁ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆୟୋଜକ ଭୁବନ ଏବଂ ନାଗପୁର କରିମ୍ କ୍ରିକେଟ ମଧ୍ୟରେ ଅନୁଷ୍ଠିତ ହେବ।

